# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 October– 2026**

# ମହାଳୟା

ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଉଛି । ଆଶ୍ୱିନ ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷ ଆଜି ଶେଷ ହେଉଛି । ପିଣ୍ଡଦାନ ପାଇଁ ପୁରୀ ଶ୍ରୀକ୍ଷେତ୍ରରେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ଏବଂ ନିଜ ପରିବାର କଲ୍ୟାଣ ଉଦ୍ଦେଶ୍ୟରେ ଏହି ପିଣ୍ଡଦାନ ବିଧି ପରମ୍ପରା ବହୁ ପ୍ରାଚୀନ ।

ମହାଳୟା ଅବସରରେ **ସମ୍ବଲପୁର**ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କର ଆଜି ଧବଳମୁଖୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି । ବର୍ଷତମାମ ସିନ୍ଦୂରବର୍ଣ୍ଣରେ ଦର୍ଶନ ଦେଉଥିବା ମା' ସମଲେଶ୍ୱରୀ ଆଜି ମହାଳୟା ତିଥିରେ ଶ୍ୱେତବର୍ଣ୍ଣରେ ଦର୍ଶନ ଦେଇଥାନ୍ତି । ଏହାକୁ ଗଙ୍ଗାଦର୍ଶନ ବେଶ ତଥା ମା' ସରସ୍ୱତୀଙ୍କ ବେଶ ବୋଲି ମଧ୍ୟ କୁହାଯାଇଥାଏ । ମା' ଏହି ରୂପରେ ଅଢ଼େଇ ଦିନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ ।

**ସୁବର୍ଣ୍ଣପୁର**ର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ଆଜି ଧବଳମୁଖୀ ବେଶ ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣପୁରର ସୋମବଂଶୀ ରାଜତ୍ୱ ସମୟରୁ ଆଶ୍ୱିନ ମାସ ଅମାବାସ୍ୟାର ମହାଳୟା ତିଥିରେ ଦେବୀ ସୁରେଶ୍ୱରୀଙ୍କୁ କର୍ପୂର

ମିଶ୍ରିତ ଧବଳ ଶଂଖ ଭସ୍ମରେ ଶାକମ୍ଭରୀ ଧବଳମୁଖୀ ବେଶ କରାଯାଇ ନୈବେଦ୍ୟ ପୂଜାର୍ଚ୍ଚନା କରାଯାଉଛି ।

ଏହି ଦୁର୍ଲଭ ବେଶକୁ ଶ୍ରଦ୍ଧାଳୁମାନେ ଭକ୍ତି ଓ ଉତ୍ସାହର ସହ ଦର୍ଶନ କରୁଛନ୍ତି ।

# ଗଣସଫେଇ ଓ ସେବା ସେତୁ ଶିବିର

ସମ୍ବଲପୁର ମହାନଗର ନିଗମ ସମେତ ଜିଲ୍ଲାର ୫୦୦ଟି ସ୍ଥାନରେ ଆଜି ଗଣସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସକାଳ ୬ଟା ୩୦ ମିନିଟ୍‌ରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦିନ ୧୦ଟା ପର୍ଯ୍ୟନ୍ତ ଚାଲିବ । ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଜିଲ୍ଲାର ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଗଣ ସଫେଇ କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ ହୋଇଛନ୍ତି ।

ଅନ୍ୟପକ୍ଷରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜମନକିରା ଓ ରେଙ୍ଗାଲିଠାରେ ସେବା ସେତୁ ଶିବିର ଗତକାଲି ଆୟୋଜିତ ହୋଇଛି । ସାଂସଦ ଶ୍ରୀ ପ୍ରଧାନ ଶିବିରରେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ଓ ସାମାଜିକ ସୁରକ୍ଷା ଭତ୍ତା ବିତରଣ କରିଛନ୍ତି ।

# ଛାତ୍ର ସଂସଦ ନିର୍ବାଚନ-ନିରୀକ୍ଷଣ

ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ରାଜ୍ୟର ମୋଟ୍ ୩୪୮ଟି ମହାବିଦ୍ୟାଳୟରେ ସମୁଦାୟ ୮ ହଜାର ୩୨୫ ଜଣ

ନାମାଙ୍କନପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧ ହଜାର ୧୫୬ଟି ନାମାଙ୍କନପତ୍ର ନାକଚ ହୋଇଛି । ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରୁ ମିଳିଥିବା ତଥ୍ୟ ଅନୁସାରେ, ୧ ହଜାର ୬୫୩ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

ଅନ୍ୟପକ୍ଷରେ ୧୩ଟି ବିଶ୍ୱବିଦ୍ୟାଳୟରେ ମୋଟ୍ ୩୬୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୪୧ଟି ନାମାଙ୍କନପତ୍ର ନାକଚ ହୋଇଥିବା ସୂଚନା ଆମର ହସ୍ତଗତ ହୋଇଛି । ନାମାଙ୍କନପତ୍ର ପ୍ରତ୍ୟାହାର ଆଜି ସକାଳ ୧୦ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ସମୟ ସ୍ଥିର କରାଯାଇଛି । ଆସନ୍ତା ୧୫ ତାରିଖ ଦିନ ଭୋଟ୍ ଗ୍ରହଣ କରାଯିବା ସହ ଫଳାଫଳ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

## ନିର୍ବାଚନ ବାତିଲ

ନୟାଗଡ଼ ଜିଲ୍ଲାର ୪ଟି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଛି । ଜିଲ୍ଲାର ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼ ମଡେଲ ଡିଗ୍ରୀ କଲେଜ, ଖଣ୍ଡପଡ଼ା ପଠାଣିସାମନ୍ତ ମହାଦ୍ୟାଳୟ ଏବଂ ଭାପୁର ବ୍ଲକର ଟିକିରିପଡ଼ା ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ

ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଏ ସଂପର୍କରେ ନୋଟିସ୍ ଜାରି କରାଯାଇଛି ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଜୀବନରେ ମାନସିକ ସ୍ୱାସ୍ଥ୍ୟର ମହତ୍ୱ ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ହେଉଛି **'ଅଙ୍ଗେ ନିଭେଇଥିବା ଅନୁଭୂତିକୁ ଶୁଣିବା: ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ'।** ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା, ଏହାର ନିରାକରଣ ଏବଂ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ଫୁଟବଲ ମହାକୁମ୍ଭ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା ଫୁଟବଲ ମହାକୁମ୍ଭ ୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ଖେଳରେ ଖଡ଼ିଆଳ ଦଳ ବୋଡେନ ଦଳକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି । ଉଦ୍‌ଯାପନୀ ସମାରୋହରେ ବିଧାୟକ ଜୟ ଢୋଲକିଆ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଛନ୍ତି ।